## ରାଜ୍ୟ ବିଜ୍ଞାନ ଓ କାରିଗରୀ,ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀଙ୍କର ଅନୁଗୋଳ ଜିଲ୍ଲା ଗସ୍ତ -

### ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ଦ୍ୱାରା ପ୍ଲାଜମା ଦାନ ଉପରେ ସମୀକ୍ଷା ।

ଅନୁଗୋଳ,୨୮.୦୭ :- ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାର ନିୟନ୍ତ୍ରଣ ଓ ଗୁରୁତର ଆକ୍ରାନ୍ତମାନଂକୁ ସୁସ୍ଥ କରିବା ନିମନ୍ତେ ସରକାର ଦିଲ୍ଲୀ ଓ ମହାରାଷ୍ଟ୍ର ପରେ ଓଡିଶାରେ ୩ୟ ରାଷ୍ଟ୍ର ଭାବେ ପ୍ଲାଜମା ଥେରାପି ଚିକିତ୍ସା ଆରମ୍ଭ କରିଛନ୍ତି । ସୁସ୍ଥ ହୋଇଥିବା ଆକ୍ରାନ୍ତମାନେ କିପରି ସ୍ୱତଃ ପ୍ରବୃତ୍ତ ଭାବେ ପ୍ଲାଜମା ଦାନ କରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରି ଅଧିକରୁ ଅଧିକ ଜୀବନ ରକ୍ଷାକାରୀ ରକ୍ତ ସଂଗ୍ରହ ନିମନ୍ତେ ପ୍ରତ୍ୟେକ ଜିଲ୍ଲା ପାଇଁ ସରକାର ଜଣେ ଲେଖାଏଁ ମନ୍ତ୍ରୀଂକୁ ଦାୟିତ୍ୱ ଅର୍ପଣ କରିଛନ୍ତି । ଅନୁଗୋଳ ଜିଲ୍ଲା ପାଇଁ ଦାୟିତ୍ୱରେ ଥିବା ରାଜ୍ୟ ବିଜ୍ଞାନ ଓ କାରିଗରୀ,ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସ ଠାରେ ପ୍ଲାଜମା ଥେରାପି ଚିକିତ୍ସା ସଂପର୍କରେ ସମୀକ୍ଷା କରିଥିଲେ । ରାଜ୍ୟରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସରକାର କୋଭିଡ ପରିଚାଳନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି । କୋଭିଡ ଯୋଦ୍ଧାମାନଂକର ତ୍ୟାଗପୂତ ସେବା ଓ ନିଷ୍ଠାପର ଦାୟିତ୍ୱ ସମ୍ପର୍ଣ୍ଣ ଦ୍ୱାରା ଆମ ରାଜ୍ୟରେ କୋଭିଡ ପରିଚାଳନା ତ୍ୱରାନ୍ୱିତ ହେଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଅନୁଗୋଳ ଜିଲ୍ଲାରେ ଯେଉଁମାନେ ପ୍ଲାଜମା ଦାନ କରିବେ ସେମାନଂକୁ ସଠିକ୍ ଭାବେ ଚିହ୍ନଟ କରିବା ନିମନ୍ତେ ଏକ ମେଡିକାଲ ଦଳ ଗଠନ କରିବା ସହ ସୁସ୍ଥ ହୋଇଥିବା କରୋନା ପଜିଟିଭମାନଂକୁ ନେଇ ଏକ ହ୍ୱାଟସ୍ ଆପ୍ ଗ୍ରୁପ୍ କରି ସେମାନଂକ ସହିତ ଯୋଗା ଯୋଗ ରଖିବାକୁ ମନ୍ତ୍ରୀ ଜିଲ୍ଲାପାଳଂକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ କୋଭିଡ ପରିଚାଳନା ରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଉଦ୍ୟମକୁ ମନ୍ତ୍ରୀ ପ୍ରଶଂସା କରିଥିଲେ । ନିଜ ନିଜ ବିଧାନ ସଭା କ୍ଷେତ୍ରରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତମାନଂକୁ ପ୍ଲାଜମା ଦାନ ନିମନ୍ତେ ଉତ୍ସାହିତ କରିବାକୁ ଉପସ୍ଥିତ ବିଧାୟକମାନଂକୁ ମନ୍ତ୍ରୀ ଅନୁରୋଧ କରିଥିଲେ । ଅନୁଗୋଳ ଜିଲ୍ଲା ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସପିଟାଲରେ ପ୍ଲାଜମା ବ୍ୟାଂକରେ ଇଚ୍ଛୁକ ସୁସ୍ଥ ବ୍ୟକ୍ତିମାନେ ଏହି ରକ୍ତଦାନ କରିବେ । ଯେଉଁମାନେ ପ୍ଲାଜମା ଦାନ କରିବେ ସେମାନଂକ

ପାଇଁ ଭୁବନେଶ୍ୱର ଠାରେ ୨ ଦିନ ରହିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ । ଜିଲ୍ଲା ପ୍ରଶାସନ ତରଫରୁ ୨ ଜଣ ନୋଡାଲ ଅଫିସର ସେମାନଙ୍କୁ ନେବା ଆଣିବା ଦାୟିତ୍ୱରେ ରହିବେ । ଏହାଛଡା ଅନୁଗୋଳରେ ଜିଲ୍ଲା ଖଣିଜ ପାଣ୍ଠିରେ ଏକ ପ୍ଲାଜମା ବ୍ୟାଂକ ପ୍ରତିଷ୍ଠା ନିମନ୍ତେ ଜିଲ୍ଲାପାଳ ସରକାରଂକୁ ପ୍ରସ୍ତାବ ଦେବା ସହ ବିଭିନ୍ନ ଆନୁସଂଗିକ ବ୍ୟବସ୍ଥା ଓ ତାଲିମ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଅନୁଗୋଳରେ ଖୁବ୍ ଶିଘ୍ର ପ୍ରତିଷ୍ଠା ହେବ ଏକ Science Park । ଏଥିପାଇଁ ଆବଶ୍ୟକ ଯାଗା ଯୋଗାଇ ଦେବାକୁ ମନ୍ତ୍ରୀ ଜିଲ୍ଲାପାଳଂକୁ ପରାମର୍ଶ ଦେଇଛନ୍ତି । ସେହିପରି ଜିଲ୍ଲାରେ ଭିନ୍ନକ୍ଷମମାନଂକର ସର୍ବେକ୍ଷଣ,କୃତିମ ଅଙ୍ଗପ୍ରତ୍ୟଙ୍ଗ ରୋପଣ ଓ ସେମାନଂକର ଦକ୍ଷତା ବୃଦ୍ଧି ନିମନ୍ତେ ଜିଲ୍ଲା ଖଣିଜ ପାଣ୍ଠି ବିନିଯୋଗରେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା କରିବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ । ଏହି ବୈଠକରେ ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭା ଉପ- ବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ,ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ,ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା,ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ ଓ ପାଲଲହଡା ବିଧାୟକ ଶ୍ରୀ ମୁକେଶ କୁମାର ପାଲ ପ୍ରମୁଖ ଯୋଗ ଦେଇ ଅନୁଗୋଳ ଜିଲ୍ଲାରେ ରାଜ୍ୟ ସରକାରଂକ ପ୍ଲାଜମା ଥେରାପି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ପ୍ରକାଶ କରିବା ସହ ସରକାରଂକର କୋଭିଡ ପରିଚାଳନାରେ ଜିଲ୍ଲା ପ୍ରଶାସନର ଭୁମିକା ସନ୍ତୋଷଜନକ ବୋଲି ପ୍ରକାଶ କରିଥିଲେ । ନିଜ ବିଧାନସଭା କ୍ଷେତ୍ରରୁ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତମାନଂକୁ ପ୍ଲାଜମା ଦାନ ନିମନ୍ତେ ସେମାନେ ପ୍ରବର୍ତ୍ତାଇବେ ବୋଲି ମନ୍ତ୍ରୀଂକୁ ପ୍ରତିଶୃତି ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ପ୍ଲାଜମା ଥେରାପି ବ୍ୟବସ୍ଥା ସରକାରଂକର ଏକ ଅଭିନବ ପ୍ରୟାସ ବୋଲି ପ୍ରକାଶ କରିଥିଲେ । ଗୁରୁତର କରୋନା ଆକ୍ରାନ୍ତଂକ ପାଇଁ ପ୍ଲାଜମା ଥେରାପି ଏକ ଜୀବନରକ୍ଷାକାରୀ ଚିକିତ୍ସା ପଦ୍ଧତି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ବୈଠକରେ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ଯୋଗ ଦେଇ ସରକାରଂକ ଦ୍ୱାରା ଆରମ୍ଭ ହୋଇଥିବା ପ୍ଲାଜମା ଥେରାପି ବ୍ୟବସ୍ଥାରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତମାନେ ମାନବିକତା ପ୍ରଦର୍ଶନ ପୂର୍ବକ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ଏହାଛଡା ସେ କୋଭିଡ ପରିଚାଳନା ସମୟରେ ନିୟମ ଉଲ୍ଲଂଘନକାରୀଂକ ବିରୁଦ୍ଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଓ ଜୋରିମନା ଆଦାୟ ପୋଲିସ ପ୍ରଶାସନ ପାଇଁ ଏକ କଷ୍ଟଦାୟକ

ଘଟଣା ଥିଲା ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ ଏହି ବୈଠକରେ ଯୋଗ ଦେଇ କରୋନା ଚିହ୍ନଟ ଓ ଏହାର ବ୍ୟବସ୍ଥା ଏବଂ ପ୍ଲାଜମା ଥେରାପି ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ଜିଲ୍ଲାରେ -୪ ଗୋଟି ଟିମ୍ ଦ୍ୱାରା ୧୩ହଜାର ୭୧୬ଟି RT-PCR ସ୍ୱାବ ନମୁନା, ୧୨୦୦ଟି ଆଣ୍ଟିଜେନ୍ ଓ ୨୬ଟି ଟ୍ରୁନାଟ୍ (TRUENAT) କୋଭିଡ ପରିକ୍ଷା କରାଯାଇଛି । ଆଜି ସୁଦ୍ଧା ସମୁଦାୟ ୨୮୬ଟି ପଜିଟିଭ ମଧ୍ୟରୁ ତାଲଚେର କୋଭିଡ ହସପିଟାଲରେ ୭୮ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି । ପ୍ଲାଜମା ହେଉଛି ରକ୍ତର ଏକ ଅଂଶ । ଜଣେ ଆକ୍ରାନ୍ତଙ୍କର ସ୍ୱାବ ନମୁନା ସଂଗ୍ରହର ୨୮ ଦିନ ପରେ ପ୍ଲାଜମା ସଂଗ୍ରହ ହୋଇପାରିବ । ଯେଉଁମାନେ ଏହି ପ୍ଲାଜମା ଦାନ କରିବେ ସେମାନଙ୍କର ବୟସ ୧୮ ରୁ ୬୦ ବର୍ଷ ବୟସ ମଧ୍ୟରେ ହୋଇଥିବା ଆବଶ୍ୟକ ଓ ସେମାନଙ୍କର ମଧୁମେହ ଓ ଅନ୍ୟାନ୍ୟ ଜଟିଳ ରୋଗ ନଥିବ । ଜଣେ ସୁସ୍ଥ ବ୍ୟକ୍ତି ୨୦୦ ମି.ଲି ପ୍ଲାଜମା ଦେଇପାରିବ ଓ ସେଥିରେ ୨ ଜଣ ଗୁରୁତର କରୋନା ରୋଗୀଙ୍କର ଚିକିତ୍ସା ହୋଇପାରିବ । ପ୍ଲାଜମା ଦାନ କରୁଥିବା ସମସ୍ତ ସୁସ୍ଥ ବ୍ୟକ୍ତିଙ୍କର ବ୍ଲଡ୍ ଗ୍ରୁପିଙ୍ଗ୍ ହେବା ସହ ଆଣ୍ଟିଜେନ୍ ଟେଷ୍ଟ ବାଧ୍ୟତାମୁଳକ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଏହି ବୈଠକରେ ଜିଲ୍ଲାରୁ ୨ ଟି ଶିଳ୍ପ ସଂସ୍ଥାରୁ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ୮ ଜଣ ତାଲଚେର କୋଭିଡ ହସପିଟାଲରେ ପାଇଥିବା ଉତ୍ତମ ଚିକିତ୍ସା ସେବାର ଅନୁଭୁତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିବା ସହ ନିଜେ ପ୍ଲାଜମା ଦାନ କରି ଗୁରୁତର କରୋନା ରୋଗୀଙ୍କୁ ମୃତ୍ୟୁମୁଖରୁ ବଂଚାଇବାକୁ ସମ୍ମତି ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଶ୍ରୀ ଦିଲ୍ଲିପ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୪୮୮ ତା.୨୮.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।

